মেসর্স এম্. বি. পটেল এবং কো.

বনাম

তৈল এবং প্রাকৃতিক বাষ্প আয়োগ

(দেওয়ানী আবেদন সংখ্যা 7340/2002)

মে 8, 2008

**[এচ্. কে. সেমা এবং মার্কণ্ডেয় কাটজু, ন্যায়মূর্ত্তিদ্বয়]**

*মধ্যস্থতা :*

*মধ্যস্থঙ্ক দ্বারা অধিনির্ণয় - উচ্চ ন্যায়ালয়ঙ্ক দ্বারা এহাকু রদ্দ করাগলা - রায় দিআগলা : মধ্যস্থ অন্যান্য বিষয়গুড়িক মধ্যরে মধ্যস্থতা - রাজিনামার খণ্ড 14 কু বিচারকু নেই নাহান্তি – রাজিনামার খণ্ড 18 কু লঙ্ঘন করি মধ্য সুধ প্রদান কলে - অধিনির্ণয়কু রদ্দ করিবারে উচ্চ ন্যায়ালয় এহার যুক্তিরে ঠিক্ থিলে - মধ্যস্থ বর্ত্তমান মধ্যস্থতা সহ অগ্রসর হোইপারিবে এবং উচ্চ ন্যায়ালয়ঙ্ক রায়রে দিআযাইথিবা যুক্তিকু দৃষ্টিরে রখি এহি বিষয় উপরে বিবেচনা করিবে ।*

দেওয়ানী আবেদন অধিকারিতা : দেওয়ানী আবেদন সংখ্যা 7340/2002

প্রথম আবেদন সংখ্যা 418/1986 রে গুজরাট উচ্চ ন্যায়ালয়ঙ্কর তারিখ 11.7.2000 র রায় এবং আদেশরু বর্ত্তমানর এহি আবেদন ।

আবেদনকারীঙ্ক তরফরু রমেশ সিংহ, অঙ্কুর সৈগল, গৌরব সিংহ এবং বিণা গুপ্তা ।

উত্তরদাতাঙ্ক তরফরু অতিরিক্ত সলিসিটর্ জেনেরাল্ , কে. আর্. শশিপ্রভু এবং আর্. চন্দ্রচূড় ।

ন্যায়ালয়ঙ্কর নিম্নলিখিত আদেশ প্রদান করাগলা ।

ଏହି ଆବେଦନ ପ୍ରଥମ ଆବେଦନ ସଂଖ୍ୟା 418/1986 ରେ ଅହମ୍ମଦାବାଦ ସ୍ଥିତ ଗୁଜରାଟ ଉଚ୍ଚ ନ୍ୟାୟାଳୟଙ୍କର ତାରିଖ 11.07.2000 ର ରାୟ ଏବଂ ଆଦେଶ ବିରୁଦ୍ଧରେ ଦାଖଲ କରାଯାଇଛି ଯେଉଁଥିରେ ଉଚ୍ଚ ନ୍ୟାୟାଳୟ ମଧ୍ୟସ୍ଥଙ୍କ ଦ୍ୱାରା ତାରିଖ 03.05.1985ର ଅଧିନିର୍ଣ୍ଣୟକୁ ରଦ୍ଦ କରିଦେଲେ । ନିମ୍ନୋକ୍ତ କାରଣ ଦର୍ଶାଇ ଉଚ୍ଚ ନ୍ୟାୟାଳୟ ଉପରୋକ୍ତ ଅଧିନିର୍ଣ୍ଣୟକୁ ରଦ୍ଦ କରିଦେଲେ :

(a) ଜଣେ ମଧ୍ୟସ୍ଥ କିମ୍ବା ନିର୍ଣ୍ଣେତା କାର୍ଯ୍ୟାନୁଷ୍ଠାନରେ ନିଜକୁ ତ୍ରୁଟିପୂର୍ଣ୍ଣ କାର୍ଯ୍ୟ କରିଛନ୍ତି ;

(b) ନଥିରେ ଏକ ତ୍ରୁଟି ଥିବା ପରି ଜଣାପଡୁଛି ଯେହେତୁ ନିର୍ଣ୍ଣେତା ମଧ୍ୟସ୍ଥତା ଚୁକ୍ତିର ଧାରା 14 ଏବଂ 18 କୁ ଅଣଦେଖା କରିଛନ୍ତି ;

(c) ନିର୍ଣ୍ଣେତା କେତେକ ନିର୍ଦ୍ଦିଷ୍ଟ ବିଷୟ ଏବଂ ଦାବି ଉପରେ ପକ୍ଷମାନଙ୍କ ମଧ୍ୟରେ ଚୁକ୍ତିର ପରିସର ବାହାରକୁ ଅଗ୍ରସର ହୋଇଛନ୍ତି ଏବଂ

(d) ଯେ ସେ ଏକକାଳୀନ ଅଧିନିର୍ଣ୍ଣୟ ପ୍ରଦାନ କରିଛନ୍ତି, ଯାହା ଏହାକୁ ସମ୍ପୂର୍ଣ୍ଣ ଭାବେ ବୋଧଗମ୍ୟ କରିନାହିଁ ।

ଉପରୋକ୍ତ କାରଣ ଗୁଡିକ ସକାଶେ ଏହି ଅଧିନିର୍ଣ୍ଣୟ କୁ ରଦ୍ଦ କରିଦିଆଗଲା ।

ବର୍ତ୍ତମାନର ମାମଲାରେ ଠିକାଦାର ଚୁକ୍ତି ବର୍ଜନ ପାଇଁ Rs.30,425/- ଟଙ୍କା ଦାବି କରିଥିଲେ । ଏହା ଥିଲା ପ୍ରଥମ ଦାବି । ଦ୍ୱିତୀୟ ଦାବି Rs. 30,213/- ଟଙ୍କା ପାଇଁ ଥିଲା ଯାହା ତୈଳ ଏବଂ ପ୍ରାକୃତିକ ବାଷ୍ପ ଆୟୋଗ ଦ୍ୱାରା କାଟ କରାଯାଇଥିଲା । ତୃତୀୟ ଦାବି Rs 2,00,000 /- ଟଙ୍କା ପାଇଁ ତୈଳ ଏବଂ ପ୍ରାକୃତିକ ବାଷ୍ପ ଆୟୋଗ ଠିକ ସମୟରେ ସାମଗ୍ରୀ ଯୋଗାଇ ନଦେବା ଲାଗି ଥିଲା । ଚତୁର୍ଥ ଦାବି ନିଜ ପ୍ରତିଷ୍ଠାନକୁ ଜୀବନ୍ତ ରଖିବା ହେତୁ ଠିକାଦାରଙ୍କୁ ସଂଘଟିତ କ୍ଷତି ଲାଗି Rs 3,50,000 /- ଟଙ୍କା ପାଇଁ ଥିଲା । ପଞ୍ଚମ ଦାବି ଏହା ଥିଲା 20 ପ୍ରତିଶତ ହାରରେ ଏଠାରେ ଲାଭାଂଶ ପ୍ରାପ୍ତ ହୋଇନଥିଲା, ଯାହାର ପରିମାଣ Rs.1,80,000- ଟଙ୍କା ଥିଲା । ଶେଷ ଦାବି ବାର୍ଷିକ 18 ପ୍ରତିଶତ ହାରରେ ସୁଧ ପାଇଁ ଥିଲା ।

ଯେପରି ପୂର୍ବରୁ ଦର୍ଶାଯାଇଛି ଯେ ମଧ୍ୟସ୍ଥି ଏକକାଳୀନ Rs.5,98,438/- ଟଙ୍କା ପ୍ରଦାନ କରିଥିଲେ, କିନ୍ତୁ ଆମେ ଉଚ୍ଚ ନ୍ୟାୟାଳୟ ଙ୍କ ଯୁକ୍ତି ସହିତ ସହମତ ଯେ ଏହି ଅଧିନିର୍ଣ୍ଣୟ ବୋଧଗମ୍ୟ ନୁହେଁ ।

ମଧ୍ୟସ୍ଥତା ରାଜିନାମାର ଧାରା 14 ନିମ୍ନରେ ଦିଆଗଲା :

"ନିର୍ମାଣରେ ବିଳମ୍ବ (ଆୟୋଗଙ୍କର ତ୍ରୁଟି);

ରାଜିନାମା ଅନୁଯାୟୀ ସାମଗ୍ରୀ ଏବଂ ବ୍ୟବହାରକାରୀଙ୍କ ଅଧିକାର ସହିତ ରାଜିନାମା ଅନୁଯାୟୀ ଆୟୋଗଙ୍କ ଦ୍ୱାରା ନିର୍ଦ୍ଧାରିତ ସମୟରେ ଆବଶ୍ୟକ ଅନୁମତି ପ୍ରଦାନ କରିବାକୁ ଆୟୋଗ ସମସ୍ତ ଯୁକ୍ତିଯୁକ୍ତ ପଦକ୍ଷେପ ନେବେ ଯାହା ଦ୍ୱାରା ପୁନଃନିର୍ମାଣର ନିର୍ମାଣ ସମ୍ବନ୍ଧୀୟ କାର୍ଯ୍ୟରେ ବିଳମ୍ବ ହେବ ନାହିଁ । ଏହି ସର୍ତ୍ତାବଳୀ ମଧ୍ୟରୁ କୌଣସି ଗୋଟିଏ ଉପଲବ୍ଧ ନ ଥିଲେ, ଠିକାଦାରଙ୍କ ନିର୍ମାଣ କାର୍ଯ୍ୟ ସ୍ଥଳରେ ଯଦି କାର୍ଯ୍ୟ କୁ ସ୍ଥଗିତ ରଖାଯାଏ , ତେବେ ଦାବି ହିସାବରେ କୌଣସି କ୍ଷତିପୂରଣ ଗ୍ରହଣୀୟ ନୁହେଁ କିନ୍ତୁ ସେହି କ୍ଷେତ୍ରରେ କେବଳ ସମୟ ସୀମାର ଏକ ଅନୁରୂପ ସମ୍ପ୍ରସାରଣ ମଞ୍ଜୁର କରାଯିବ ।''

ଉପରୋକ୍ତ ଖଣ୍ଡ ଅନୁଯାୟୀ କ୍ଷତିପୂରଣ ପାଇଁ କୌଣସି ଦାବି କରିବା ଗ୍ରହଣୀୟ ନୁହେଁ, ଏପରିକି ଆୟୋଗଙ୍କର ତ୍ରୁଟି ମଧ୍ୟ ଗ୍ରହଣୀୟ ନୁହେଁ ।ମଧ୍ୟସ୍ଥତା ରାଜିନାମାର ଖଣ୍ଡ18ରେ କୁହାଯାଇଛି ଯେ :

" ମୂଲ୍ୟ ଉପରେ ସୁଧ

ରାଜିନାମା ଅନୁଯାୟୀ ଠିକାଦାରଙ୍କୁ ଦେୟ ହେବାକୁ ଥିବା ପ୍ରତିଭୂତି ପଇଠ କିମ୍ବା ଅନ୍ୟ କୌଣସି ରାଶି ଉପରେ କୌଣସି ସୁଧ ଦେବାକୁ ପଡ଼ିବ ନାହିଁ । "

ମଧ୍ୟସ୍ଥ 09.02.1984 ରୁ 03.05.1985 (ମକଦ୍ଦମା ବିଚାରଧିନ ଅବଧି) ପର୍ଯ୍ୟନ୍ତ ମୂଲ୍ୟ ଉପରେ 12 ପ୍ରତିଶତ ହାରରେ ସୁଧ ପ୍ରଦାନ କରିଛନ୍ତି । ଡିକ୍ରି ତାରିଖ କିମ୍ବା ଦେୟର ପ୍ରକୃତ ତାରିଖ ପର୍ଯ୍ୟନ୍ତ, ଉଭୟ ମଧ୍ୟରୁ ଯାହା ପୂର୍ବରୁ ହୁଏ, ସେ , ଉପରୋକ୍ତ 1 ଏବଂ 3 ରେ ଦର୍ଶାଯାଇଥିବା ରାଶି ଉପରେ ସେ 12 ପ୍ରତିଶତ ହାରରେ ସୁଧ ମଧ୍ୟ ପ୍ରଦାନ କରିଛନ୍ତି ।

ଉପରୋକ୍ତ ପରିସରକୁ ଦୃଷ୍ଟିରେ ରଖି, ମଧ୍ୟସ୍ଥି ମଧ୍ୟସ୍ଥତା ରାଜିନାମାର ଖଣ୍ଡ 14କୁ ଆଦୌ ବିଚାର କରିନାହାନ୍ତି । ରାଜିନାମାର ଖଣ୍ଡ 14ର ଉଲ୍ଲଙ୍ଘନ କରି ସୁଧ ପ୍ରଦାନ କରାଯାଇଛି । ଅନ୍ୟଗୁଡିକ ବ୍ୟତୀତ ଏହି ଦୁଇଟି ଆଇନଗତ ଦିଗ ମଧ୍ୟସ୍ଥଙ୍କ ଦ୍ୱାରା ବିଚାର କରାଯାଇ ନାହିଁ । ତେଣୁ,

ଉଚ୍ଚ ନ୍ୟାୟାଳୟ ଙ୍କ ଦ୍ୱାରା ଦିଆଯାଇଥିବା ଯୁକ୍ତିରେ ଆମେ ସମ୍ପୂର୍ଣ୍ଣ ସହମତ । କିନ୍ତୁ ଉଚ୍ଚ ନ୍ୟାୟାଳୟ ଙ୍କ ରାୟକୁ ଦୃଷ୍ଟିରେ ରଖି, ମଧ୍ୟସ୍ଥ ବର୍ତ୍ତମାନ ମଧ୍ୟସ୍ଥତା ସହିତ ଅଗ୍ରସର ହୋଇପାରିବେ । ଉଚ୍ଚ ନ୍ୟାୟାଳୟ ର ଯୁକ୍ତିକୁ ଦୃଷ୍ଟିରେ ରଖି ଏହି ବିଷୟକୁ ନୂତନ ଭାବରେ ବିଚାର କରିବାକୁ ଆମେ ମଧ୍ୟସ୍ଥଙ୍କୁ ନିର୍ଦ୍ଦେଶ ଦେଉଛୁ ।

ଉପରୋକ୍ତ ବିଷୟ ଅନୁଯାୟୀ, ଆବେଦନଟି ଖାରଜ ହୋଇଛି ।

ଆର୍. ପି. ଆବେଦନକୁ ଖାରଜ କରାଗଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***
ତୁଷାର କାନ୍ତ ଗୋଛି
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।